

## ଟେଷ୍ଟ ଡ୍ରାଇଭ୍ ଆଳରେ ଡିଫେଣ୍ଡର ଲୁଟ୍ ଘଟଣା

### ଧରାପଡ଼ିଲା ମୁଖ୍ୟ କାର୍ପେଟଦାର

# ଏବେ ବି ୪ ବିହାରୀ ଫେରାର

ଭୁବନେଶ୍ୱର, ୧୧।୬ (ସମିସ)

ବନ୍ଧୁକ ମୁନରେ ଡିଫେଣ୍ଡର ଲୁଟ୍ ଘଟଣାରେ ମୁଖ୍ୟ କାର୍ପେଟଦାରକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଡ଼ା ସତ୍ୟନଗରର

- ଖସିଯିବା ବେଳେ ଗହୀରରେ ଗୋଡ଼ାଇ ଧରିଲା ପୁଲିସ
- ୫ ଦିନ ତଳେ ଲକ୍ଷ୍ନୌରୁ ଫେରିଥିଲା
- ବିହାରରେ ଡିଫେଣ୍ଡର ବିକିବାକୁ କରିଥିଲେ ଯୋଜନା
- ୟୁକେରୁ ଇଞ୍ଜିନ ଅଚଳ କରି ଗୋଡ଼ିପଡ଼ାରୁ କାର ଜବତ କରିଥିଲା

ଆଦିତ୍ୟ ପଣ୍ଡା (୨୬)। ଆଦିତ୍ୟ ଗିରଫ ହେବାପରେ ଘଟଣାରେ ସମ୍ପୃକ୍ତ ଅନ୍ୟ ୪ ବିହାରୀଙ୍କ ସମ୍ପର୍କରେ ଅନେକ ତଥ୍ୟ ମିଳିଛି।

ପୁଲିସ ସୂଚନାନୁସାରେ, ଗତ ମାର୍ଚ୍ଚ ମାସ ୨୪ ତାରିଖ ଦିନ ଆଦିତ୍ୟ ଫୁଲନଖରା ସ୍ଥିତ ଏମ୍‌ପେରିଓ ପ୍ରେଷ୍ଟିଜ୍ ଶୋରୁମକୁ କଲ୍ କରି ଡିଫେଣ୍ଡର କିଣିବାକୁ ଚାହୁଁଥିବା ବେଳେ ଟେଷ୍ଟ ଡ୍ରାଇଭ୍ ଆବଶ୍ୟକ ବୋଲି କହିଥିଲା। ଏହାର ପରଦିନ ସେଲ୍ସ ମ୍ୟାନ୍ ସନ୍ତୋଷ ନାୟକ, ଜଣେ ମହିଳା ସେଲ୍ସ ଅଫିସର ଓ ଡ୍ରାଇଭର ଡିଫେଣ୍ଡର ଗାଡ଼ି ନେଇ ଷ୍ଟୁଡିଓ ଛକରେ ପହଞ୍ଚିବା ପରେ ଆଦିତ୍ୟ ଓ ତା'ର



ସହଯୋଗୀ ଆସି ସେମାନଙ୍କୁ ନିକଟରେ ଥିବା ଓୟୋକୁ ନେଇ ଯାଇଥିଲେ। ସେଠାକୁ ଯିବାପରେ ଆଦିତ୍ୟ ଓ ସହଯୋଗୀମାନେ ମିଶି ସେଲ୍ସ ମ୍ୟାନ୍ ସନ୍ତୋଷ ଓ ଡ୍ରାଇଭରକୁ ମାଡ଼ ମାରି ସନ୍ତୋଷଙ୍କ ଠାରୁ ୬ ହଜାର ଟଙ୍କା ଛଡ଼ାଇ ନେବା ସହ ମହିଳା ସେଲ୍ସ ଅଫିସରଙ୍କୁ ରୁମକୁ ଡାକି ଅସଦାଚରଣ କରିଥିଲେ। ୩ ଜଣଙ୍କୁ ବନ୍ଧୁକ ମୁନରେ ଗୃହ ବନ୍ଦୀ କରି ରଖିଥିଲେ। ଏହାପରେ ମ୍ୟାନେଜର ଗୌତମ ସିହ୍ନାଙ୍କୁ କଲ୍ କରି ଗାଡ଼ି ପସନ୍ଦ ହୋଇଛି ବୋଲି କହିବା ସହ ଆପଣ ଆସିଲେ ବ୍ୟାଙ୍କ୍ ଚେକ୍ ଦିଆଯିବ ବୋଲି କହିଥିଲେ। ଗୌତମ ମଧ୍ୟ ସେମାନଙ୍କ କଥାକୁ ବିଶ୍ୱାସ କରି ଓୟୋରେ ପହଞ୍ଚିଥିଲେ। ଆଦିତ୍ୟ ଓ ସହଯୋଗୀମାନେ ତାଙ୍କୁ ତଳ ମହଲାରେ ଥିବା ଏକ ରୁମକୁ ନେଇ ବନ୍ଦୀ କରି ଦେଇଥିଲେ। ମୁଣ୍ଡରେ ବନ୍ଧୁକ ଲଗାଇ ୟୁପିଆଇ ଓ ଆକାଉଣ୍ଟ ମାଧ୍ୟମରେ ଏକଲକ୍ଷ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଟଙ୍କା ଲୁଟିବା ପରେ ଦୁଇଟି ଯାକ ରୁମରେ ୪ ଜଣ କର୍ମଚାରୀଙ୍କୁ ବନ୍ଦୀ କରି ଡିଫେଣ୍ଡର ନେଇ ଫେରାର ହୋଇ ଯାଇଥିଲେ। ଖବରପାଇ ଭରତପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳକୁ ଯାଇ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା।

ଅଭିଯୁକ୍ତମାନେ ଛାଡ଼ି ଯାଇଥିବା ସେଲ୍‌ଫ ଡ୍ରାଇଭ୍ କାରକୁ ପୁଲିସ ଜବତ କରିଥିଲା। ସେପଟେ ଡିଫେଣ୍ଡର ଗାଡିଟି ଚୋରି ହେବା ପରେ ଭୁବନେଶ୍ୱରରେ ଥିବା କମ୍ପାନୀ କର୍ତ୍ତୃପକ୍ଷ ଏ ନେଇ ୟୁକେସ୍ଥିତି କାର୍ଯ୍ୟାଳୟ ସହ ଯୋଗ ଯୋଗ କରିଥିଲେ। ଲ୍ୟାଣ୍ଡ ରୋଭରର ଉନ୍ନତ ସୁରକ୍ଷା ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଜାଗୁଆର୍ ଓ ଲ୍ୟାଣ୍ଡ ରୋଭର୍ ୟୁକେ ଓ ଭାରତ ସମନ୍ୱୟରେ ଲୁଟ୍ ଗାଡିର ଇଞ୍ଜିନ ଅଚଳ କରି ଦେଇଥିଲେ। ଫଳରେ ଗାଡି ଆଉ ଆଗକୁ ବଢ଼ି ନ ଥିଲା। ଖୋର୍ଦ୍ଧା ଗୋଡିପଡ଼ା ନିକଟରେ ଗାଡିକୁ ଛାଡି ଲୁଟେରା ଫେରାର ହୋଇ ଯାଇଥିବା ବେଳେ ପୁଲିସ ଗାଡିକୁ ଜବତ କରିଛି।

ଆଦିତ୍ୟ ନିଜେ ଟେଷ୍ଟ ଡ୍ରାଇଭ୍ ପାଇଁ ଗାଡ଼ି ଓ ରୁମ୍ ବୁକ୍ କରିଥିବାରୁ ଘଟଣା ପରଠାରୁ ସେ ଫେରାର ହୋଇ ଯାଇଥିଲା। ଫେରାର ହେବାପରେ ଲକ୍ଷ୍ନୌରେ ଯାଇ ଆତ୍ମଗୋପନ କରିଥିଲା। ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ନଜର ରଖିଥିବା ପୁଲିସ ଆଦିତ୍ୟ ଗାଁକୁ ଫେରିଥିବା ଜାଣିବାକୁ ପାଇଥିଲା। ଗତକାଲି ରାତିରେ ଭରତପୁର ଥାନା ପୁଲିସ ଟିମ୍ ନୂଆପଡ଼ାରେ ଥିବା ଆଦିତ୍ୟର ସାଙ୍ଗ ଘରେ ଚଢ଼ଉ କରିଥିଲା। ପୁଲିସ ଆସିଲା ଖବରପାଇ ଆଦିତ୍ୟ ଖସିଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ଟିମ୍ ଗହୀର ଭିତରେ ଗୋଡ଼ାଇ ଗୋଡ଼ାଇ ଆଦିତ୍ୟକୁ ଗିରଫ କରିଥିଲା। ଆଦିତ୍ୟ ଠାରୁ ୪ ବିହାରୀ ଅଭିଯୁକ୍ତଙ୍କ ବିଷୟରେ ସୂଚନା ପାଇଛି ପୁଲିସ। ଡିଫେଣ୍ଡର ଲୁଟ୍ କରିବା ପରେ ଗାଡ଼ିଟିକୁ ବିହାରରେ ବିକ୍ରି କରିବାକୁ ଯୋଜନା କରିଥିଲେ ବୋଲି ଆଦିତ୍ୟ ପୁଲିସ ଆଗରେ ସ୍ୱୀକାର କରିଛି।

## ଟଙ୍କା ନ ଦେବାରୁ ବାପାଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ; ପୁଅ ଗିରଫ



ଭୁବନେଶ୍ୱର, ୧୧।୬ (ସମିସ): ଟଙ୍କା ନ ଦେବାରୁ ବାପାଙ୍କ ତଣ୍ଟିଚିପି ହତ୍ୟା ଉଦ୍ୟମ କରିଥିବା ପୁଅକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ଆଇଆରସି ଭିଲେଜରେ ରହୁଥିବା ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦ ଗାଁର ବିରାଜ କୁମାର କୁଅଁର ଓରଫ୍ ହାପି (୪୬)।

ପୁଲିସ ସୂଚନାନୁସାରେ, ନରେଶ ଚନ୍ଦ୍ର କୁଅଁର ତାଙ୍କ ପତ୍ନୀ, ପୁଅ ହାପି ଓ ବୋହୂ ସହ ଆଇଆରସି ଭିଲେଜରେ ରହୁଥିବା ବେଳେ ଘର ଭଡ଼ା ଲଗାଇ ପରିବାର ପୋଷଣ କରନ୍ତି। ପୁଅ ହାପି କୁକୁଡ଼ା ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ଅନେକ ସମୟରେ ବିଭିନ୍ନ ବାହାନା ଦେଖାଇ ବୃଦ୍ଧ ବାପାଙ୍କଠାରୁ ବାରମ୍ବାର ଟଙ୍କା ନେଉଥିଲେ। ବାପା ନରେଶ ଅନେକ ଥର ଟଙ୍କା ଦେଇଥିଲେ ମଧ୍ୟ ହାପି ଆଉ ଟଙ୍କା ଫେରାଇ ନଥିଲେ। ଫଳରେ ଏହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହିଥିଲା। ଗତ ୬ ତାରିଖ ସକାଳେ ହାପି ପୁଣି ଥରେ ଟଙ୍କା ମାଗିଥିଲା। ନରେଶ ଟଙ୍କା ଦେବାକୁ ମନା କରିବାରୁ ହାପି ଗାଳିଗୁଲଜ କରିବା ସହ ତାଙ୍କୁ ଠେଲି ତଳେ ପକାଇ ଦେଇଥିଲେ। ନରେଶ ଉଠିବାକୁ ଚେଷ୍ଟା କରୁଥିବା ବେଳେ ହାପି ତାଙ୍କ ତଣ୍ଟିଚିପି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ଫଳରେ ନରେଶ ଚେତାଶୂନ୍ୟ ହୋଇଯାଇଥିଲେ। ଏନେଇ ନରେଶ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ହାପିକୁ ଗିରଫ କରିଛି। ହାପି ନାମରେ ପୂର୍ବରୁ ନୂଆପଲ୍ଲୀ ଥାନାରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ; ଜଣେ ଗିରଫ



ଭୁବନେଶ୍ୱର, ୧୧।୬ (ସମିସ): ଯୁବକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଣ୍ଡମୁଣ୍ଡାର ପପୁ ଓରଫ୍ ନାରାୟଣ ହରିଚନ୍ଦନ (୨୪)।

ପୁଲିସ ସୂଚନାନୁସାରେ, ଜାଗମରା ଅଞ୍ଚଳରେ ରହୁଥିବା ସୁନୀଲ ସ୍ୱାଇଁ ଝରମୁଣ୍ଡା ପୋଖରୀ ନିକଟରେ ବସିଥିଲେ। ସେହି ସମୟରେ ପପୁ ଆସି ତାଙ୍କ ସହିତ ଯୁକ୍ତିତର୍କ କରି ଗାଳିଗୁଲଜ ଓ ମାରପିଟ କରିଥିଲା। ଏହାପରେ ସୁନୀଲ ସେଠାରୁ ପଳାଇ ଗାଁରେ ଅନ୍ୟ ଲୋକମାନଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। କିଛି ସମୟ ପପୁ ପୁଣିଥରେ ଆସି କାଠ ଫାଳିଆରେ ସୁନୀଲଙ୍କୁ ଆକ୍ରମଣ କରିଥିଲା ଓ ତାଙ୍କ ମୋବାଇଲ ଫୋନକୁ ଭାଙ୍ଗି ଦେଇଥିଲା। ଏନେଇ ସୁନୀଲଙ୍କ ପତ୍ନୀ ଅମିତା ସ୍ୱାଇଁ ଖଣ୍ଡଗିରି ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ପୁପୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୂର୍ବରୁ ପପୁ ନାମରେ ବିଭିନ୍ନ ଥାନାରେ ୯ଟି ଭିନ୍ନ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଏସ୍‌ଏଫ୍‌ଆଇ ପକ୍ଷରୁ 'ଗୋପବନ୍ଧୁ ଦୃଷ୍ଟିରେ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱ.୧୧।୬(ସମିସ): ଗୋପବନ୍ଧୁ ଦାସ ଓଡ଼ିଶାରେ ଜଣେ ମାଟିର ମଣିଷ ଥିଲେ ଏବଂ ଓଡ଼ିଶାର ଲୋକଙ୍କ ଦୁଃଖ ବୁଝିଥିଲେ ଏବଂ ତାହାର ସମାଧାନ ଦିଗରେ ଜୀବନ ବ୍ୟାପୀ ସଂଗ୍ରାମ କରିଥିବା ଜଣେ ବାସ୍ତବ ଜନବାଦୀ ନେତା ବୋଲି ବିଶିଷ୍ଟ ସାହିତ୍ୟିକ ତଥା 'ନବପତ୍ର'ର ସମ୍ପାଦକ ଡ଼. ନଗେନ ଦାସ ମତ ପ୍ରକଶ କରିଛନ୍ତି। ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟି ଆନୁକୂଲ୍ୟରେ 'ଶ୍ରମିକ ଭବନ' ସମ୍ମିଳନୀ କକ୍ଷରେ 'ଗୋପବନ୍ଧୁ ଦୃଷ୍ଟିରେ ଓଡ଼ିଶା' ଉପରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଡ଼. ନଗେନ ଦାସ କହିଲେ ଯେ ଗୋପବନ୍ଧୁ ଦାସ ଖୁବ ନିଦା ମଣିଷ ଥିଲେ ତାଙ୍କର ଗୋଡ଼ ଦୁଇଟା ଓଡ଼ିଶା ଭିତରେ ପୋତାହୋଇଥିଲା କିନ୍ତୁ ତାଙ୍କ ଆଖି ଦୁଇଟା ଓଡ଼ିଶା ଭିତରେ ସୀମିତ ନଥିଲା ଗୋପବନ୍ଧୁ ଦାସ ସେତେବେଳେର ଏକମାତ୍ର ବ୍ୟକ୍ତି ଯିଏ ଓଡ଼ିଶାକୁ ଭାରତବର୍ଷର ବୃହତ୍ତର ଭୂମିଟି ଉପରେ ଦେଖିବାକୁ ସମର୍ଥ ହୋଇଥିଲେ, ଗୋପବନ୍ଧୁଙ୍କ




ଭଳି ବିବିଧ ପ୍ରତିଭା ଭଳି ବ୍ୟକ୍ତି ଓଡ଼ିଶାରେ ବିରଳ, ଭାଷାଭିତ୍ତିକ ଆନ୍ଦୋଳନକୁ ସେ ଭାରତର ସ୍ୱାଧୀନତା ଆନ୍ଦୋଳନ ସହିତ ଯୋଡିବାରେ ସବୁଠାରୁ ଅଗ୍ରଗଣ୍ୟ ଥିଲେ ଓଡ଼ିଶାର ସାହିତ୍ୟ, ରାଜନୀତି ଓ ଶିକ୍ଷାରେ ତାଙ୍କର ଅବଦାନ ଖୁବ ମହତ୍ୱପୂର୍ଣ୍ଣ। ଆଲୋଚନାଚକ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ଏସଏଫଆଇର ସର୍ବଭାରତୀୟ ସାଧାରଣ ସମ୍ପାଦକ ଶ୍ରୀଜନ ଭଟ୍ଟାଚାର୍ଯ୍ୟ। ଅନ୍ୟତମ ବକ୍ତାଭାବେ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଯୋଗ ଦେଇଥିବା ବେଳେ ସଂଗଠନର ରାଜ୍ୟ କୋଷାଧ୍ୟକ୍ଷ ରାକ୍ଷୀ ସ୍ୱାଇଁ ସଭାପତିତ୍ୱ କରିଥିଲେ। ଏହି ପ୍ରଥମ ପର୍ଯ୍ୟାୟରେ ଏସ୍‌ଏଫ୍‌ଆଇର ରାଜ୍ୟ ସମ୍ପାଦକ ଚନ୍ଦନ ସାହୁ ସମସ୍ତ ଅତିଥି ଓ ଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## 'ଉତ୍କଳଶ୍ରୀ ସମ୍ମାନ' 'ଉତ୍କଳଶ୍ରୀ ଯୁବପ୍ରତିଭା' ସମ୍ମାନ ପ୍ରଦାନ



ଭୁବନେଶ୍ୱର, ୧୧।୬(ସମିସ): ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ଅବସରରେ 'ବାବା ଆଖଣ୍ଡଳମଣି ନବପ୍ରତିଭା ସଙ୍ଗୀତ ଶିକ୍ଷା କେନ୍ଦ୍ର', ପୁରୀର ରୌପ୍ୟ ଜୟନ୍ତୀ ଏବଂ 'ଉତ୍କଳଶ୍ରୀ ସମ୍ମାନ' ପ୍ରଦାନ ସମାରୋହ ସ୍ଥାନୀୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ଉତ୍କଳ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ତଥା ଓଡ଼ିଶୀ ଗବେଷକ ଆର୍ତ୍ତତ୍ରାଣ ଶତପଥି ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ ଓଡ଼ିଶୀ ସଙ୍ଗୀତ ଗୁରୁ ପ୍ରଫେସର ଡକ୍ଟର ରାମହରି ଦାସ ଏବଂ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ନିରଞ୍ଜନ ରାଉତ, ପ୍ରଖ୍ୟାତ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟ ଗୁରୁ ମନୋରଞ୍ଜନ ପ୍ରଧାନ, ଓଡ଼ିଶୀ ନୃତ୍ୟଙ୍ଗନା ମୀରା ଦାସ, ସମାଜସେବୀ ବନ୍ଦନା ହରିଚନ୍ଦନ, ଓଡ଼ିଶୀ ସଙ୍ଗୀତ ଗୁରୁ ଡକ୍ଟର ନିମାକାନ୍ତ ରାଉତରାୟ, ସମାଜସେବୀ ତଥାଗତ ସ୍ୱାଇଁ, ଅଭିନେତ୍ରୀ ନିର୍ଲିପ୍ତା (ଗୁନଗୁନ) ଓ ଅଭିନେତ୍ରୀ ଭୂମିକା ଦାସ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ବରିଷ୍ଠ କଣ୍ଠଶିଳ୍ପୀ କେଶବ ଚନ୍ଦ୍ର ସାହୁ, ବରିଷ୍ଠ ସଙ୍ଗୀତ ଗୁରୁ ସୁକାନ୍ତ କୁମାର କୁଣ୍ଡୁଙ୍କୁ 'ଉତ୍କଳଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ନୃତ୍ୟ ଶିଳ୍ପୀ ପୁଷ୍ପଲତା ଦାସ ଏବଂ ମର୍ଦ୍ଦଳବାଦକ ମାଧବ ଶ୍ରୀନନ୍ଦନ ସାହୁ 'ଉତ୍କଳଶ୍ରୀ ଯୁବପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ତଥା ନୃତ୍ୟଗୁରୁ ଅଶୋକ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପଦେଷ୍ଟା ସୁରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ନୃତ୍ୟଗୁରୁ ଅଶୋକ କୁମାର ଦାସ ଏବଂ ବବିତା ଦାସଙ୍କ ନିର୍ଦ୍ଦେଶନା ରେ 'ନବ ପ୍ରତିଭା'ର କଳାକାର ମାନେ ଓଡ଼ିଶୀ ନୃତ୍ୟରେ ନୃତ୍ୟଅଭିନୟ 'ଦଶ ରୂପା' ଏବଂ 'ସାବେରୀ ପଲ୍ଲବୀ' ପରିବେଷଣ କରିଥିଲେ। ଗୁରୁ ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଶ୍ରୀରାଧା କଳା କୁଞ୍ଜ, ଭୁବନେଶ୍ୱରର କଳାକାରମାନେ ଓଡ଼ିଶୀ ନୃତ୍ୟରେ 'ପଞ୍ଚ ପରମେଶ୍ୱର' ଏବଂ ଗୁରୁ ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ 'ନୂପୁର', ଭୁବନେଶ୍ୱର ପକ୍ଷରୁ ଓଡ଼ିଆ ଅସ୍ମିତା- 'ଓଡ଼ିଶା ଆମ ଜନ୍ମ ଭୂମି' ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ସୁଧାଂଶୁ ଭୂଷଣ ରଥ, ଉପଦେଷ୍ଟା ସଞ୍ଜୀବ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଜେଡି ପକ୍ଷରୁ ଗୁରୁ ପଙ୍କଜ ଚରଣଙ୍କ ପୁଣ୍ୟ ତିଥି



ଭୁବନେଶ୍ୱର ୧୧।୬(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଗୁରୁବାର ଗୁରୁ ପଙ୍କଜ ଚରଣ ଦାସଙ୍କର ପୁଣ୍ୟ ତିଥି ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଞ୍ଚାଳନ କରିଥିଲେ। ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା 'ପଙ୍କଜ ଚରଣ ତୁମେ ଅମର' ଆବୃତ୍ତି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ଦାସ, ବିଜୟ କୁମାର ସାହୁ, ହରିବନ୍ଧୁ ନାୟକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, ଚୈତନ୍ୟ ତ୍ରିପାଠୀ, ବୈକୁଣ୍ଠନାଥ ନାୟକ, ତ୍ରିନାଥ ବେହେରା ପ୍ରମୁଖ ଯୋଗଦାନ କରି ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଅର୍ପଣ କରିଥିଲେ।

## 'ପୋଥିବିଜ୍ଞାନ କର୍ମଶାଳା' ଉଦ୍‌ଯାପିତ




ଭୁବନେଶ୍ୱର, ୧୧।୬(ସମିସ):ଓଡ଼ିଆ ଭର୍ଚୁଆଲ ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ଦଶଦିନିଆ ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ତତ୍ତ୍ୱଭିତ୍ତିକ ଆଲୋଚନା ହେବା ସହ କ୍ଷେତ୍ରୀୟ ଅନୁଶୀଳନ ପାଇଁ ପ୍ରଶିକ୍ଷାର୍ଥୀମାନେ ରାଜ୍ୟ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଯୋଗଦେଇ କହିଲେ ଯେ ପ୍ରଶିକ୍ଷାର୍ଥୀମାନେ ସଫଳ ଭାବରେ ପୋଥି ସଂଗ୍ରହ, ସୂଚୀକରଣ ଓ ପୁନର୍ଲିଖନ କାର୍ଯ୍ୟ କରି ଆମ ଜ୍ଞାନଭଣ୍ଡାରର ବିଶ୍ୱବ୍ୟାପୀ ପ୍ରସାରଣରେ ଭାଗୀଦାର ହେବେ। ଭବିଷ୍ୟତରେ ଭାଷା ସମୃଦ୍ଧି ଅଭିଯାନରେ ସମସ୍ତେ ସାମିଲ ହେବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଓଡିଆ ଭର୍ଚୁଆଲ ଏକାଡେମୀ ସଚିବ ଡ. ପ୍ରଦୀପ କୁମାର ରାଉତ ପୋଥିବିଜ୍ଞାନ କର୍ମଶାଳାରେ ସଫଳ ହୋଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ମାନୁସ୍କ୍ରିପ ଆମ୍ବାସଡାର ଭାବରେ ଅଭିହିତ କରି ଭବିଷ୍ୟତରେ ସେମାନଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ଅଧିବେଶନରେ ପୂର୍ବତନ କୁଳାଧିପତି ତଥା ଜାତୀୟ ପାଣ୍ଡୁଲିପି ମିଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ପ୍ରଭାତ କୁମାର ମହାପାତ୍ର, ପ୍ର. ହରେକୃଷ୍ଣ ମିଶ୍ର (ଶାନ୍ତିନିକେତନ), ପ୍ର. ବ୍ରଜ କିଶୋର ସ୍ୱାଇଁ (ପୁରୀ), ପ୍ରଫେସର ଡ. ବ୍ରଜ ସୁନ୍ଦର ମିଶ୍ର, ପାଠ୍ୟକ୍ରମ ସଂଯୋଜକ ଡ. ବିଭୂତି ଭୂଷଣ ମହାପାତ୍ର ପ୍ରମୁଖଙ୍କ ସମେତ ବିଭିନ୍ନ ସ୍ଥାନରୁ ୫୨ ଜଣ ବିଦ୍ୟାର୍ଥୀ, ଗବେଷକ, ଅଧ୍ୟାପକ ଓ ଅଧ୍ୟାପିକା ଏବଂ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପୋଥିବିଜ୍ଞାନ ସମ୍ପର୍କିତ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ ଦେବାନନ୍ଦ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଜଧାନୀରେ ରଜ ମଉଜ

# ରଜରେ ବୁଲିବ 'ପିଠା ଅନ୍ ହ୍ୱିଲ୍'

ଭୁବନେଶ୍ୱର, ୧୧।୬(ସମିସ): ରଜ ପର୍ବ ଅବସରରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ସଂସ୍କୃତିର ପ୍ରଚାର-ପ୍ରସାର ସହ ମହିଳା ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ପିଠା ଅନ୍ ହ୍ୱିଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଶୁକ୍ରବାର ସୁଭଦ୍ରା ଶକ୍ତି ବଜାର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ୬ଟି ସ୍ୱତନ୍ତ୍ର ଗାଡି'ର ଶୁଭାରମ୍ଭ କରିଛନ୍ତି। ଏହି ଗାଡିଗୁଡ଼ିକ ଭୁବନେଶ୍ୱରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କୁ ଓଡ଼ିଶାର ପାରମ୍ପରିକ ପିଠା ସହିତ




ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବ। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଆରିସା, କାକରା, ମଣ୍ଡା, ଚକୁଳି, ପୋଡ଼ ପିଠା ଆଦି ପାରମ୍ପରିକ ପିଠା ସହ ଦହିବରା, ବରା ଓ ଆଳୁଚପ୍ ଭଳି ବିଭିନ୍ନ ଜଳଖିଆ ସାମଗ୍ରୀ ପ୍ରସ୍ତୁତ ଓ ବିକ୍ରୟ କରିବେ। ଜୁନ୍ ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଏସ୍.ଆଇ.ଆର୍.ଡି. ପରିସରସ୍ଥିତ ସୁଭଦ୍ରା ଶକ୍ତି ବଜାରରେ ହସ୍ତତନ୍ତ ସାମଗ୍ରୀ ଉପରେ ୨୦+୧୦ % ସ୍ୱତନ୍ତ୍ର ରିହାତି ସହ ସୁଭଦ୍ରା ଶକ୍ତି ବଜାରରେ ୱାର୍ଲ୍ଡ ସ୍କିଲ ସେଣ୍ଟର୍ ରେ ପ୍ରଶିକ୍ଷଣ ନେଉଥିବା ଏସଏଚ୍‌ଜି କର୍ମୀଙ୍କ ଷ୍ଟଲ୍ ଯଥା ମେହେନ୍ଦୀ, ହେଆର୍ ଷ୍ଟାଇଲିଙ୍ଗ, ନେଲ୍ ଆର୍ଟ, ଦୋଳି, ରଜ ପାନ, ଲାଖ ଚୁଡ଼ିର ଭରପୂର ମଜା ନେଇପାରିବେ। ଏଥିସହିତ ବିଭିନ୍ନ ପ୍ରକାର ପାରମ୍ପରିକ ପିଠାର ସ୍ୱାଦ ଉପଭୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ସହରରେ ମିଳିବ ଗାଁର ରଜ ପରିବେଶ

ଭୁବନେଶ୍ୱର, ୧୧।୬(ସମିସ): ଗାଁ ର ପରିବେଶକୁ ସହରରେ ଜୀବନ୍ତ କରିବାର ପ୍ରୟାସ ଆରମ୍ଭ କରିଛି ଉତ୍କଳ ସେବା ଓ ଶିକ୍ଷା ଚାରିଟେବଲ ଟ୍ରଷ୍ଟ। ରାଜଧାନୀରେ ବ୍ରହ୍ମେଶ୍ୱର ରଜ ମହୋତ୍ସବ ଆୟୋଜନ ପାଇଁ ସମସ୍ତ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପର୍ଯ୍ୟାୟରେ। ମହିଳାଙ୍କୁ ରଜ ପାଳନ ଅବସରରେ ସମସ୍ତ ପ୍ରକାର ଖୁସି ପ୍ରଦାନ ପାଇଁ ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସହ ଦୋଳି ଖେଳ, ରଜ ପାନ, ପିଠା ପଣା ଏବଂ ମୀନାବଜାରର ବ୍ୟବସ୍ଥା ମଧ୍ୟ କରାଯାଇଛି। ବ୍ରହ୍ମେଶ୍ୱର ରଜ ମହୋତ୍ସବ ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ପୂର୍ଣ୍ଣିମା ପଟ୍ଟନାୟକ, ଉପ ସଭାପତି ଜସ୍ମିନ କର, ସମ୍ପାଦକ ଦେବସ୍ମିତା ମିଶ୍ର ଏବଂ କୋଷାଧ୍ୟକ୍ଷ ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଶନିବାରଠାରୁ ମଦନପୁର ରଜ ମହୋତ୍ସବ

ବଡ଼ରଘୁନାଥପୁର, ୧୧।୬ (ସମିସ): ରାଜଧାନୀ ଉପକଣ୍ଠସ୍ଥିତ ମଦନପୁର ଗ୍ରାମରେ ମଦନପୁର ପଞ୍ଚାୟତ ରଜ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଇଛି। ଏଥିପାଇଁ ମହୋତ୍ସବ କମିଟି ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୩ ତାରିଖରୁ ହେବାକୁ ଥିବା ଏହି ମହୋତ୍ସବ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଅବସରରେ ସର୍ବଭାରତୀୟ କବାଡ଼ି ପ୍ରତିଯୋଗିତ ଅନୁଷ୍ଠିତ ହେବାକୁ ଥିବା ବେଳେ ଅପେରା ମଧୁ ବାସନ୍ତୀ ପକ୍ଷରୁ ଯାତ୍ରା ନାଟକ ପରିବେଷଣ କରାଯିବ। ସେହିଭଳି ପାନ, ପିଠା, ମ୍ୟୁଜିକ୍ ଚେୟାର, ର୍‌ୟାମ୍ପ ସୋ, ଆର୍ଟ ପେଣ୍ଟିଂ, ଝୋଟି ଚିତା ପ୍ରତିଯୋଗିତା ପ୍ରତ୍ୟେକ ଦିନ ଅପରାହ୍ଣ ସାଢ଼େ ୪ଟାରୁ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।





## କଡ଼ାକଡ଼ି ହେଉନି 'ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬'

# ୩ ବର୍ଷରେ ୪ ଜିଲ୍ଲାରୁ ୭୭୩ ଶିଶୁ ଶ୍ରମିକ ଉଦ୍ଧାର

■ କେବଳ ଖୋର୍ଦ୍ଧାରୁ ଉଦ୍ଧାର ହେଲେଣି ୨୭୧

■ ଆଜି ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ

ଭୁବନେଶ୍ୱର, ୧୧।୬(ସମିସ)

ଗରିବ ପିଲାମାନଙ୍କୁ ଶିକ୍ଷିତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ଅନେକ ଯୋଜନା କରିଛନ୍ତି। ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମାଗଣାରେ ୟୁନିଫର୍ମ, ପାଠ୍ୟ ଉପକରଣ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି। ଏସବୁ ପରେ ମଧ୍ୟ ପାଠ ପଢ଼ିବା ବଦଳରେ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ପାଲଟୁଛନ୍ତି ଶହଶହ ଶିଶୁ। ବିଦ୍ୟାଳୟରେ ନାଁ ଗଡୁଥିବା ବେଳେ ଇଟାଭାଟି ଠାରୁ ଆରମ୍ଭ କରି ଖଣିଖାଦନ, ହୋଟେଲ, ବଡ଼ବଡ଼ିଆଙ୍କ ଘରେ କାମ କରୁଛନ୍ତି ଶିଶୁ। ତେବେ ୨୦୨୩ରୁ ୨୬ ପର୍ଯ୍ୟନ୍ତ ୩ବର୍ଷରେ ଖୋର୍ଦ୍ଧା, ପୁରୀ, ଯାଜପୁର ଏବଂ ଜଗତସିଂହପୁରରୁ ୭୭୩ ଜଣ ଶିଶୁ ଶ୍ରମିକ ଉଦ୍ଧାର ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରୁ ୨୭୧ ଜଣ ଶିଶୁ ଶ୍ରମିକ କାର୍ଯ୍ୟକରୁଥିବା ବେଳେ ଉଦ୍ଧାର ହୋଇଥିବା ସୂଚନା ରହିଛି। ଶିଶୁର ବଞ୍ଚିବାର ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର, ନିରାପତ୍ତା ଅଧିକାର ଉପରେ ଗୁରୁତ୍ୱ ଦେବା ସହ ତାକୁ ଏକ ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା, ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଜୁନ୍ ୧୨ତାରିଖକୁ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି।



ମିଳିତ ଜାତିସଂଘ ରିପୋର୍ଟ ଅନୁସାରେ ବିଶ୍ୱରେ ୧୩୮ ନିୟୁତ ପିଲା ଶ୍ରମିକ ଭାବେ କାମ କରୁଥିବା ବେଳେ ପ୍ରାୟ ୫୪ ନିୟୁତ ଶିଶୁ ବିପଦ ସଙ୍କୁଳ କ୍ଷେତ୍ରରେ କାମ କରୁଛନ୍ତି। ୧୯୮୯ ମସିହାରେ ମିଳିତ ଜାତିସଂଘ ଶିଶୁ ଅଧିକାର ସନନ୍ଦରେ ୧୮ ବର୍ଷରୁ କମ୍ ଶିଶୁଙ୍କୁ କାମ କରିବାକୁ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଥିବା ବେଳେ ଏତେ ସଂଖ୍ୟକ ଶିଶୁ ଶ୍ରମିକ ଭାବେ ନିଯୁକ୍ତି ପାଇବା ଚିନ୍ତାର କାରଣ ପାଲଟିଛି। ଏଥିରୁ ଓଡ଼ିଶା ମଧ୍ୟ ବାଦ୍ ପଡ଼ିନି। ଭାରତ ବର୍ଷ ୧୯୯୨ ମସିହାରେ ଶିଶୁ ଅଧିକାର ସନନ୍ଦକୁ ଅନୁପାଳନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲା। ପ୍ରଚଳିତ ଶିଶୁ ଶ୍ରମିକ ନିରୋଧ ଆଇନ-୧୯୮୬କୁ ସଂଶୋଧନ କରିବାକୁ ଏହାକୁ ୨୪ ବର୍ଷ ସମୟ ଲାଗିଗଲା। ବହୁ ଶିଶୁ ଅଧିକାର କର୍ମୀ ଓ ସଂଗଠନ ମାନଙ୍କ ଦୃଢ଼ ଦାବି ପରେ ଏହି ଆଇନ୨୦୧୬ ମସିହାରେ ସଂଶୋଧିତ ହେଲା। କିନ୍ତୁ ଏହି ଆଇନ ମଧ୍ୟରେ ଥିବା ଗଳାବାଟ ଯୋଗୁଁ ଶିଶୁ ଶ୍ରମିକ ନିଯୁକ୍ତିଦାତା ନିର୍ଭୟରେ କାମ କରୁଛନ୍ତି। ରାଜ୍ୟରେ ଶିଶୁ ଅଧିକାର ସଂଗଠନ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ ସଂଗଠନ 'ରୁଚିକା ସମାଜ ମଙ୍ଗଳ' ଜିଲ୍ଲା ପ୍ରଶାସନ ସହ ମିଳିତ ଭାବେ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ନ୍ୟାୟ ଦେବା ପାଇଁ ଥାନା ଓ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ମାମଲା କରୁଛି। ସେହିପରି, ସିଏସିଏଲ୍., ପିକକ, ୟୁ.ଏସ.ଏସ., ବିଶ୍ୱ ଯୁବ କେନ୍ଦ୍ର ଭଳି ସଂଗଠନ, ଜିଲ୍ଲା ଚାଇଲ୍ଡ ହେଲ୍ପଲାଇନ, ଜିଲ୍ଲା ଶ୍ରମ ଅଧିକାରୀ ଇତ୍ୟାଦି ମଧ୍ୟ କାମ କରୁଥିବା ଶିଶୁ ମାନଙ୍କୁ ଉଦ୍ଧାର କରି ସେମାନଙ୍କୁ ଥଇଥାନ କରିବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ସ୍ୱେଚ୍ଛାସେବୀ ସଂଗଠନ, ସରକାରୀ କର୍ତ୍ତୃପକ୍ଷଙ୍କ ସମନ୍ୱୟଅଭାବରୁ ଶିଶୁ ଶ୍ରମ ପ୍ରଥାକୁ ରୋକିବା ସମ୍ଭବ ହୋଇପାରୁ ନଥିବା ରୁଚିକାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି କହିଛନ୍ତି। ସେ କହିଛନ୍ତି, ରୁଚିକା ଭଳି ସଂଗଠନ ଓଡ଼ିଶାର ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଓ ଯାଜପୁର ଜିଲ୍ଲାରେ ଗତ ତିନିବର୍ଷ ମଧ୍ୟରେ ୭୭୩ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଥିବା ବେଳେ ବିଭିନ୍ନ ଥାନାରେ ୬୬୮ ଟି କେସ୍ ଏବଂ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ୫୧୫ ଟି ମାମଲା ରୁଜୁ କରିଛନ୍ତି। କିନ୍ତୁ ପୋଲିସ ଅଧିକାଂଶ ମାମଲାରେ କେବଳ ଜି.ଡି. କରି ଛାଡ଼ି ଦେଉଛନ୍ତି। ଜାତୀୟ ମାନବାଧିକାର ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଏସ.ଓ.ପି. ଅନୁସାରେ ଶିଶୁ ଶ୍ରମିକକୁ ଶିଶୁ ଚାଲାଣ ଭାବେ ମାମଲା ରୁଜୁ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ବେଳେ ଥାନା ଅଧିକାରୀ କାର୍ଯ୍ୟ ଚାପ ଆଳ ଦେଖାଇ ବହୁ ମାମଲା ପଞ୍ଜୀକୃତ ନକରିବାରୁ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନାହିଁ। ଉପଯୁକ୍ତ ନ୍ୟାୟିକ କାର୍ଯ୍ୟନୁଷ୍ଠାନ ବିନା ଶିଶୁ ଶ୍ରମିକ ଭଳି ଏକ ଘୃଣ୍ୟ ଅମାନବୀୟ ସାମାଜିକ ଅପରାଧକୁ ରୋକିବା ସମ୍ଭବ ହେବ ନାହିଁ। ତେଣୁ ଶିକ୍ଷା ଅଧିକାର ଆଇନକୁ ୧୮ ବର୍ଷ ପର୍ଯ୍ୟନ୍ତ ବଢ଼ାଇବା ଶିଶୁ ଶ୍ରମିକ ନିରୋଧ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ ଆବଶ୍ୟକ। ପୋକ୍‌ସୋ ଆଇନ ଭଳି ଶିଶୁ ଶ୍ରମିକ ନିରୋଧ ଆଇନରେ ମାମଲା ରୁଜୁ ନକଲେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ହେବା, ଏଥିନିମନ୍ତେ ଶିଶୁ ଶ୍ରମିକ ନିରୋଧ ଆଇନର ସଂଶୋଧନ ହେବା ଆବଶ୍ୟକ। ଶିଶୁ ଶ୍ରମିକଙ୍କୁ ରାସନ୍ କାର୍ଡ ସହିତ ଯୋଡ଼ିବା ଉଚିତ୍। କାରଣ ଯେଉଁ ପରିବାର ରାସନ କାର୍ଡ ପାଇବା ସତ୍ତ୍ୱେ ସେମାନଙ୍କ ପିଲାଙ୍କୁ ଶ୍ରମରେ ନିୟୋଜନ କରୁଛନ୍ତି ସେମାନଙ୍କ ରାସନ୍ କାର୍ଡ ପ୍ରତ୍ୟାହାର କରାଯିବା ଆଦି ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଡ. ସେନାପତି କହିଛନ୍ତି।

# ସ୍କୁଲ ଛାତରୁ ଖସିଲା ପ୍ଲାଷ୍ଟର

● ଛୁଟି ଥିବାରୁ ଟଳିଲା ବଡ଼ ଅଘଟଣ

ପୁରୀ, ୧୧।୬(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ଶ୍ରେଣୀଗୃହର ଛାତରୁ ପ୍ଲାଷ୍ଟର ଖସି ପଡ଼ିଥିବା ଘଟଣା ସାମ୍ନାକୁ ଆସିଛି। ବିଦ୍ୟାଳୟ ଛୁଟି ଥିବାରୁ ଛାତ୍ରଛାତ୍ରୀମାନେ ଏକ ନିଶ୍ଚିତ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଦାମୋଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରୁଣା କୋଠାଘରର ଛାତ ଗତ କିଛି ଦିନ ହେଲା ମରାମତି ହୋଇ ନୂଆ ପ୍ଲାଷ୍ଟର କରାଯାଇଥିଲା। କିନ୍ତୁ ଗୁରୁବାର ହଠାତ୍ ସେହି ଛାତର ପ୍ଲାଷ୍ଟର ଖସି ତଳେ ପଡ଼ିଯାଇଥିଲା। ସୌଭାଗ୍ୟବଶତଃ ସେହିଦିନ ବିଦ୍ୟାଳୟ ବନ୍ଦ ରହିଥିବାରୁ କୌଣସି ଛାତ୍ରଛାତ୍ରୀ ଉପସ୍ଥିତ ନ ଥିଲେ। ଫଳରେ ଏକ ବଡ଼ ଧରଣର ଅଘଟଣ ଟଳିଯାଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ପୁରୀ ସଦର ମଣ୍ଡଳ ଉନ୍ନୟନ ଅଧିକାରୀ (ବିଡିଓ) ସମ୍ବିତ୍ ଶତପଥି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ତୁରନ୍ତ ଉକ୍ତ ବିପଦସଙ୍କୁଳ କୋଠରିକୁ ବନ୍ଦ କରିବା ସହ ଯଥାଶୀଘ୍ର ମରାମତି ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ମରାମତିର କିଛି ଦିନ ମଧ୍ୟରେ ପୁଣି ଛାତରୁ ପ୍ଲାଷ୍ଟର ଖସିବା ଘଟଣା ନିର୍ମାଣ କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁରୁଣା ବିଦ୍ୟାଳୟ ଗୃହଗୁଡ଼ିକର ସ୍ଥିତି ଓ ମରାମତି କାର୍ଯ୍ୟର ତଦାରଖକୁ ନେଇ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଦ୍ୟାଳୟ ଖୋଲାଥିଲେ ଏହା ବଡ଼ ଅଘଟଣର କାରଣ ହୋଇଥା'ନ୍ତା ବୋଲି ସ୍ଥାନୀୟ ଲୋକେ ମତ ଦେଉଛନ୍ତି।

# ଘରୋଇ ହସ୍ପିଟାଲ୍‌ରେ ଅଗ୍ନିକାଣ୍ଡ

କଟକ, ୧୧।୬(ସମିସ): ମହାନଦୀ ବିହାରରେ ଥିବା ଏକ ବେସରକାରୀ ହସ୍ପିଟାଲ୍‌ରେ ଆଜି ସନ୍ଧ୍ୟାରେ ଅଗ୍ନିକାଣ୍ଡ ହୋଇଛି। ସର୍ଟସର୍କିଟ୍‌ରୁ ଲାଗିଥିବା ନିଆଁକୁ ଅଗ୍ନିଶମ କର୍ମଚାରୀ ଆୟତ୍ତ କରିଛନ୍ତି। ଏଥିରେ ହସ୍ପିଟାଲ୍ ଭିତରେ ଅନ୍ୟ କିଛି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ଉକ୍ତ ବେସରକାରୀ ହସ୍ପିଟାଲ୍‌ର ଆଇସିୟୁ ବାହାରେ ଇଲେକ୍ଟ୍ରିକ୍ ପ୍ୟାନେଲ୍ ବୋର୍ଡ ରହିଛି। ଉକ୍ତ ବୋର୍ଡରେ ବିଦ୍ୟୁତ୍ ଉପକରଣ ଲାଗିଛି। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଉକ୍ତ ପ୍ୟାନେଲ୍ ବୋର୍ଡରୁ ହଠାତ୍ ନିଆଁ ବାହାରିବା ସହିତ ଶବ୍ଦ ହୋଇଥିଲା। ଏହାସହିତ ସେଠାରୁ ଧୂଆଁ ବାହରି ରୁମ୍‌ରେ ବ୍ୟାପିଯାଇଥିଲା। ପାଖରେ ଆଇସିୟୁ ଥିବାରୁ କାଳେ ନଆଁ ବ୍ୟାପିଯିବ, ସେଥିପାଇଁ ହସ୍ପିଟାଲ୍ କର୍ମଚାରୀ ଭୟଭୀତ ହୋଇପଡ଼ିଥିଲେ। ତୁରନ୍ତ ଏନେଇ ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା। ବଡ଼ ଅଘଟଣ ଆଶଙ୍କା କରି ପ୍ରଥମେ ଚାଉଳିଆଗଞ୍ଜ ଅଗ୍ନିଶମ କର୍ମଚାରୀ ଓ ପରେ ବକ୍ସିବଜାର ଅଗ୍ନିଶମ କର୍ମଚାରୀ ନିଆଁ ଲିଭା ଗାଡ଼ି ସହିତ ଘଟଣାସ୍ଥଳରେ ପହଞ୍ଚି ଅଳ୍ପ ସମୟ ମଧ୍ୟରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରବଳ ଧୂଆଁ ବ୍ୟାପିଥିବାରୁ ଧୂଆଁ ବାହାର କରିବା ଯନ୍ତ୍ର ବ୍ୟବହାର କରାଯାଇଥିଲା। ଅଳ୍ପ ସମୟ ଭିତରେ ସମ୍ପୂର୍ଣ୍ଣ ଧୂଆଁ ହସ୍ପିଟାଲ୍ ରୁମ୍‌ରୁ ବାହର କରିଦିଆଯାଇଥିଲା। ଏହି ଅଘଟଣରେ କୌଣସି ରୋଗୀ, ଗୁରୁତର ରୋଗୀ କିମ୍ବା ହସ୍ପିଟାଲ୍ କର୍ମଚାରୀ ମୃତାହତ ହୋଇନାହାନ୍ତି।

## ସୁରକ୍ଷିତ ରଥଯାତ୍ରା ପାଇଁ ପ୍ରଶାସନର ପ୍ରସ୍ତୁତି

# ରଥଯାତ୍ରାରେ ଅଗ୍ନି ନିରାପତ୍ତାକୁ ନେଇ ଚିନ୍ତା

■ ୭୦୦ରୁ ଅଧିକ ହୋଟେଲ, ଲଜ୍, ଗେଷ୍ଟ ହାଉସ୍ ଓ ହୋମ୍ ଷ୍ଟେ'ରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା

■ ଉଦ୍‌ବେଗ ପ୍ରକାଶ କଲେ ଅଗ୍ନିଶମ ଡିଜି

■ ବଡ଼ଦାଣ୍ଡରେ ୪୮ ବିପଦସଙ୍କୁଳ କୋଠା ଚିହ୍ନଟ

ପୁରୀ, ୧୧।୬(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ରଥଯାତ୍ରାକୁ ଅଘଟଣମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଉଛି। ଭକ୍ତଙ୍କ ସୁରକ୍ଷା ପାଇଁ ପୁରୀ ସହରର ସମସ୍ତ ହୋଟେଲ, ଲଜିଂ, ଗେଷ୍ଟ ହାଉସ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କଡ଼ାକଡ଼ି ଯାଞ୍ଚ ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଗ୍ନିଶମ ବିଭାଗ ଡିଜି ସୁଧାଂଶୁ ଷଡ଼ଙ୍ଗୀ। ସହରରେ ୧ ହଜାରରୁ ଊର୍ଦ୍ଧ୍ୱ ହୋଟେଲ, ଲଜିଂ, ଗେଷ୍ଟ ହାଉସ୍ ଥିବାବେଳେ ମାତ୍ର ଅଳ୍ପ କିଛି ବଡ଼ ବଡ଼ ହୋଟେଲକୁ ବାଦ୍ ଦେଲେ ଲଜ୍, ଗେଷ୍ଟ ହାଉସ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ। ରଥଯାତ୍ରା ସମୟରେ ଏହି ଲଜ୍ ଏବଂ ଗେଷ୍ଟ ହାଉସ୍‌ରେ ଭକ୍ତ ରହୁଥିବାବେଳେ ଯଦି ଅଗ୍ନିକାଣ୍ଡ ଘଟେ ତେବେ ଧନଜୀବନ କ୍ଷତି ହେବାର ଆଶଙ୍କା ରହିଛି। ତେଣୁ ଫାୟାର ସେଫ୍‌ଟି ସାର୍ଟିଫିକେଟ୍ ନ ଥିବା ହୋଟେଲ, ଲଜିଂଗୁଡ଼ିକୁ ପୁରୀ ଜିଲ୍ଲା ଅଗ୍ନିଶମ ବିଭାଗ ସହ ଯୋଗାଯୋଗ କରି ତୁରନ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବାକୁ ନୋଟିସ୍ ଦିଆଯାଉଛି। ଆଇନ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଖେଇ ଆସୁଥିବାବେଳେ ଏହାକୁ ସୁରୁଖୁରୁରେ ଆୟୋଜନ ପାଇଁ ସବୁ ପ୍ରଶାସନିକ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋର୍‌ସୋର୍‌ରେ ଚାଲିଛି। ଲକ୍ଷ ଲକ୍ଷ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଅଗ୍ନିଶମ ବିଭାଗ ମଧ୍ୟ ନିଜର ପ୍ରସ୍ତୁତି ତ୍ୱରାନ୍ୱିତ କରିଛି। ଅଗ୍ନିଶମ ଡିଜି ରଥଯାତ୍ରା ନିମନ୍ତେ ବିଭାଗର ସମସ୍ତ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଯାତ୍ରୀ ରହୁଥିବା ସମସ୍ତ ହୋଟେଲ, ଲଜ୍, ଗେଷ୍ଟ ହାଉସ୍, ଯାତ୍ରୀ ନିବାସ, ହୋମ୍ ଷ୍ଟେ, ଧର୍ମଶାଳାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର କଡ଼ା ଯାଞ୍ଚ ପାଇଁ ସେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ସହରରେ ଥିବା ୧୨୦୦ରୁ ଅଧିକ ହୋଟେଲ, ଲଜ୍, ଗେଷ୍ଟ ହାଉସ୍ ଓ ହୋମ୍ ଷ୍ଟେ ମଧ୍ୟରୁ ୭୦୦ରୁ ଅଧିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ନେଇ ଡିଜି ଉଦ୍‌ବେଗ ପ୍ରକାଶ କରିଛନ୍ତି। କିଛି ହାତଗଣତି ବଡ଼ ହୋଟେଲକୁ ଛାଡ଼ିଦେଲେ ଅଧିକାଂଶରେ ଅଗ୍ନି ନିର୍ବାପକ ଯନ୍ତ୍ର, ନିର୍ଗମନ ପଥ ନାହିଁ। ଶ୍ରୀମନ୍ଦିର ଚାରିପାଖ ସାହିରେ ଘରେ ଘରେ ଗଢ଼ିଉଠିଥିବା ଲଜିଂ, ହୋମ୍ ଷ୍ଟେକୁ ଯିବା ପାଇଁ ସଂକୀର୍ଣ୍ଣ ରାସ୍ତା, ନିମ୍ନମାନର ବିଦ୍ୟୁତ୍ ତାର ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ଅଗ୍ନିକାଣ୍ଡ ଘଟିଲେ ଅଗ୍ନିଶମ ଗାଡ଼ି ପହଞ୍ଚିବା ମଧ୍ୟ ଅସମ୍ଭବ। ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତ ଏହି ହୋଟେଲରେ ରହିବେ। ଯଦି ଅଗ୍ନିକାଣ୍ଡ ଘଟେ, ବ୍ୟାପକ ଧନଜୀବନ ହାନୀ ସହ ସାରା ବିଶ୍ୱରେ ରାଜ୍ୟ ସରକାର ବଦନାମ ହେବାର ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ସମସ୍ତ ଅନୁଷ୍ଠାନରେ ଯାଞ୍ଚକୁ କଡ଼ାକଡ଼ି କରିବା, ବିନା ଟ୍ରେଡ୍ ଲାଇସେନ୍ସ ଓ ଫାୟାର ସେଫ୍ଟି ସାର୍ଟିଫିକେଟ୍‌ରେ ଚାଲୁଥିବା ବେଆଇନ ହୋଟେଲକୁ ସିଲ୍ କରିବା ସହ କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। କେବଳ ରଥଯାତ୍ରା ବେଳେ ନୁହେଁ, ବର୍ଷସାରା ଯାଞ୍ଚ କରିବାକୁ ମତ ପ୍ରକାଶ ପାଇଛି।

ପୁରୀ ଜିଲ୍ଲା ପ୍ରଶାସନ ବଡ଼ଦାଣ୍ଡରେ ୪୮ଟି ବିପଦସଙ୍କୁଳ କୋଠା ଚିହ୍ନଟ କରିଛି। ଏଥିରେ ଗୋଏଙ୍କା ଧର୍ମଶାଳା, ରାଧା ବଲ୍ଲଭ ମଠ ଓ ଝାପିଟା ମଠ ରହିଛି। ଏହି କୋଠା ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ିବାର ଆଶଙ୍କା ରହିଛି। ରଥଯାତ୍ରା ସମୟରେ ଏହି କୋଠା ଉପରେ ଭକ୍ତଙ୍କୁ ଚଢ଼ିବାକୁ ଅନୁମତି ଦିଆଯିବ ନାହିଁ ଓ ଏଗୁଡ଼ିକୁ ସିଲ୍ କରାଯିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ପୁରୀ ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରଭାତ କୁମାର ରାଉତ କହିଛନ୍ତି, ଅନେକ ହୋଟେଲରେ ଆମ ଉଦ୍ୟମରେ ଫାୟାର ସେଫ୍ଟି କରାଯାଇଛି। ତଥାପି ବହୁ ହୋଟେଲରେ ବ୍ୟବସ୍ଥା ନାହିଁ। ଆମେ ନୋଟିସ୍ ଜାରି କରୁଛୁ। ହୋଟେଲ ମାଲିକମାନେ ରଥଯାତ୍ରା ପୂର୍ବରୁ ଆମ ସହ ଯୋଗାଯୋଗ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା କରନ୍ତୁ, ନଚେତ୍ ହୋଟେଲ ସିଲ୍ କରାଯିବ। ପର୍ଯ୍ୟଟକଙ୍କ ସୁରକ୍ଷା ଆମର ମୁଖ୍ୟ କର୍ତ୍ତବ୍ୟ। ରଥଯାତ୍ରା ପୂର୍ବରୁ ସମସ୍ତ ବ୍ୟାବସାୟିକ ଅନୁଷ୍ଠାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଅଗ୍ନିଶମ ଡିଜି ନିର୍ଦ୍ଦେଶ ଦେଇଛନ୍ତି।

# ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚାଲିବ କଟକ-ଭଦ୍ରକ-କଟକ ମେମୁ



ଭୁବନେଶ୍ୱର, ୧୧।୬(ସମିସ): ପ୍ରଶାସନିକ କାରଣରୁ, ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନରେ ଥିବା ଧାନମଣ୍ଡଳ–କପିଳାସ ରୋଡ୍ ସେକ୍ସନରେ ପୋଲ (ବ୍ରିଜ୍) ପୁନଃନିର୍ମାଣ କାର୍ଯ୍ୟ ସମ୍ପର୍କରେ ପୂର୍ବରୁ ସୂଚିତ କରାଯାଇଥିବା ନିମ୍ନଲିଖିତ ମେମୁ ଟ୍ରେନ୍ ସେବାଗୁଡ଼ିକର ସାମୟିକ ବାତିଲ୍ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିନିଆଯାଇଛି। ଫଳସ୍ୱରୂପ, ଟ୍ରେନ୍ ନଂ ୬୮୪୨୪/୬୮୪୨୩ କଟକ-ଭଦ୍ରକ-କଟକ ମେମୁ ଏବଂ ଟ୍ରେନ୍ ନଂ ୬୮୪୩୮/୬୮୪୩୭ କଟକ-ଭଦ୍ରକ-କଟକ ମେମୁ ଟ୍ରେନ ଗୁଡିକ ୧୨.୦୬.୨୦୨୬, ୧୯.୦୬.୨୦୨୬, ୨୬.୦୬.୨୦୨୬ ଏବଂ ୦୩.୦୭.୨୦୨୬ ତାରିଖରେ ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଚଳାଚଳ କରିବ। ଯାତ୍ରୀମାନଙ୍କୁ ଉପରୋକ୍ତ ପୁନଃପ୍ରଚଳନ ବିଷୟରେ ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଉଛି।

● ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ଗର୍ଜିଲା ଓଜେସି

# ଡିଜିପିଙ୍କ ଅଫିସ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ

■ ଥାନାରେ ପୁଲିସ ନିର୍ଯାତନା ରାଜ୍ୟ ପାଇଁ କଳଙ୍କ ସଦୃଶ: ମୋକିମ

କଟକ, ୧୧।୬(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ହେଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ନିର୍ଯାତନା ପ୍ରତିବାଦରେ ଆଜି ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକସ୍ଥିତ ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକ(ଡିଜିପି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳର ଶତାଧିକ କର୍ମୀ ଓ ନେତୃବୃନ୍ଦ ସ୍ଥାନୀୟ ଜେଲ୍ ରୋଡ୍‌ଠାରୁ ଏକ ଶୋଭାଯାତ୍ରାରେ ବାହାରି ସରକାର ବିରୋଧୀ ନାରାବାଜି ଦେଇଥିଲେ। ଡିଜିପିଙ୍କ ଅଫିସ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଓଡ଼ିଶା ଜନତା କଂଗ୍ରେସର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ଇଂ ମହମ୍ମଦ ମୋକିମ ଯୋଗଦେଇ ରାଜ୍ୟ ସରକାର ଏବଂ ପୁଲିସ ପ୍ରଶାସନ ଉପରେ ବର୍ଷିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଛି ଏବଂ ସାଧାରଣ ଜନତା ଏବେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ରାଜଧାନୀ ଭୁବନେଶ୍ୱରରେ ବଢୁଥିବା ହତ୍ୟାକାଣ୍ଡ ଏବଂ ଚାଞ୍ଚଲ୍ୟକର ସୌମ୍ୟ ହତ୍ୟାକାଣ୍ଡ ରାଜ୍ୟରେ ଅପରାଧୀଙ୍କ ବେପରୁଆ ମନୋଭାବକୁ ସ୍ପଷ୍ଟ କରୁଛି। ୨୦୨୪ରୁ ୨୦୨୫ ମଧ୍ୟରେ ଅପରାଧ ହାରରେ ୭.୩% ବୃଦ୍ଧି ଘଟିଥିବା ବେଳେ ପୁଲିସ ଏହାକୁ ରୋକିବାରେ ବିଫଳ ହୋଇଛି ବୋଲି ମୋକିମ ଉଦବୋଧନ ଦେଇ କହିଥିଲେ। ସେହିଭଳି ବାରଙ୍ଗ ଥାନାରେ ରାକେଶ ବେହେରା ଏବଂ କବିସୂର୍ଯ୍ୟନଗର ଥାନାରେ ଜଣେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କୁ ଥାନା ଭିତରେ ମରଣାନ୍ତକ ନିର୍ଯାତନା ଦିଆଯିବା ଓ ପରବର୍ତ୍ତୀ ସମୟରେ ସୁଶାନ୍ତଙ୍କ ମୃତ୍ୟୁ ଘଟିବା ଅତ୍ୟନ୍ତ ନିନ୍ଦନୀୟ। ଯାହା ଓଡ଼ିଶା ଭଳି ଶାନ୍ତିପ୍ରିୟ ରାଜ୍ୟ ପାଇଁ କଳଙ୍କ ସଦୃଶ ବୋଲି ସେ କହିଥିଲେ। ଏହି ଆନ୍ଦୋଳନ ପରେ ଓଡ଼ିଶା ଜନତା କଂଗ୍ରେସର ଏକ ପ୍ରତିନିଧିମଣ୍ଡଳୀ ଡିଜିପିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଘଟଣାଗୁଡ଼ିକର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ ସ୍ୱତନ୍ତ୍ର କମିଟି ଗଠନ କରିବା ସହ ଦୋଷୀ ପୁଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ସାରା ରାଜ୍ୟରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରତିନିଧିମଣ୍ଡଳୀରେ ପ୍ରଶାନ୍ତ ଶତପଥୀ, ସତ୍ୟଦୀପ ବିଶ୍ୱାଳ, ବଦ୍ରିନାରାୟଣ ମହାନ୍ତି, ଶୁଭେନ୍ଦୁ ମଲ୍ଲିକ, ଗିରିବାଳା ବେହେରା, ଅନିଲ ବେଉରା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ରମାକାନ୍ତ ବେହେରା ପ୍ରମୁଖ ଡିଜିପିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ନିକୁଞ୍ଜ ପଶାୟତ, ଶରତଚନ୍ଦ୍ର ସେଠୀ, ଶୈଳବାଳା ଜେନା, ମନୋଜ ଜେନା, ପ୍ରତାପ ପରିଡ଼ା, ବିରେନ୍ଦ୍ର ଦାସ, କେଦାର ପୃଷ୍ଟି, ସଂଗ୍ରାମ କିଶୋର ମାଝି, ଦୀପକ ପରିଡ଼ା, ସୂର୍ଯ୍ୟକାନ୍ତ ରାଉତ, ବିଦ୍ୟାଧର ମହାନ୍ତି, ନରେଶ ମହାନ୍ତି, ସଞ୍ଜୟ ରାୟ, ମନୋଜ ଜେନା, ସେକ ବାରିକଉଦ୍ଦୀନ, କାଳୀପ୍ରସାଦ ମଲ୍ଲିକ, ନଜିବୁର ରେହେମାନ ଖାନ, ସୋମନାଥ ରାଉତ, ଆର୍ଯ୍ୟବୀର ଲେଙ୍କା, ସୁରଜିତ ସାହୁ, ସ୍ମୃତିରଞ୍ଜନ ରାଉତ, ସନ୍ତୋଷ ପାତ୍ର, ସୁନୀଲ ପଣ୍ଡା, ବାବୁ ସାହୁ, ସେକ ଗୁଲାମ ମୋଇଉଦ୍ଦିନ, ସୟଦ ରମଜାନ ଅଲ୍ଲି, ସେକ ବାବଜାନି, ସଦାବ ସଲାମ, ଗୁଲଜାର ଅହମ୍ମଦ, ଦେବେନ୍ଦ୍ର ପ୍ରସାଦ ଶେଠୀ, ସେକ ଇମତିଆଜ, ପୂର୍ବତନ କର୍ପୋରେଟର ଅନିତା ନାୟକ, ଗୌରୀ ଦାସ, କାଞ୍ଚନ ଦାସ, ସେକ ସମ୍ମିମଉଲ୍ଲା, ଚାରୁଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ 'ରଜ ଉତ୍ସବ ୨୦୨୬'ର ୭ମ ଦିବସ

# ମନ ଜିଣୁଛି ଆଧୁନିକ ଘର ସଜ୍ଜା ସାମଗ୍ରୀ

■ ମେଳାରେ ପ୍ରବଳ ଜନସମାଗମ




ଭୁବନେଶ୍ୱର,୧୧।୬(ସମିସ): ସ୍ଥାନୀୟ ଜନତା ମଇଦାନରେ ଚାଲିଥିବା ଆନ୍ତର୍ଜାତୀୟ 'ରଜ ଉତ୍ସବ-୨୦୨୬'ର ୭ମ ଦିବସରେ ବିପୁଳ ଜନସମାଗମ ପରିଲକ୍ଷିତ ହୋଇଛି। ନିକଟରେ କାଳବୈଶାଖୀ ଝଡ଼ ଯୋଗୁଁ ମେଳା ପରିସରରେ କିଛି କ୍ଷୟକ୍ଷତି ଘଟିଥିଲା। ତେବେ ଆୟୋଜକ ସଂସ୍ଥାର ତ୍ୱରିତ ପଦକ୍ଷେପ ଯୋଗୁଁ ମାତ୍ର ଗୋଟିଏ ରାତି ମଧ୍ୟରେ ସମସ୍ତ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା ଏବଂ ପରଦିନଠାରୁ ପୁଣିଥରେ ମେଳାରେ ଜନସମାଗମ ବଢ଼ିବା ସହ ଉତ୍ସବମୁଖର ପରିବେଶ ଫେରିଆସିଥିଲା। ଏଠାରେ ଫୁଲରେ ସଜ୍ଜିତ ଦୋଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ରଜର ମାହୋଲ୍ ଦର୍ଶକଙ୍କୁ ଆକର୍ଷିତ କରୁଛି। ଏଥିରେ ୨୨ଟି ରାଜ୍ୟ ଏବଂ ୧୦ଟି ଦେଶର ପ୍ରଦର୍ଶକମାନେ ଅଂଶଗ୍ରହଣ କରିଛନ୍ତି। ଏସି ସୁବିଧାଯୁକ୍ତ ବିଶାଳ ହ୍ୟାଙ୍ଗର ମଧ୍ୟରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଷ୍ଟଲଗୁଡ଼ିକରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧ ଲକ୍ଷରୁ ଅଧିକ ଜାତୀୟ ଓ ଆନ୍ତର୍ଜାତୀୟ ଉତ୍ପାଦ ପ୍ରଦର୍ଶିତ। ପ୍ରତିଦିନ ୧୫,୦୦୦ରୁ ଅଧିକ ଲୋକ ଏହି ମେଳା ପରିଦର୍ଶନ କରୁଛନ୍ତି। ଏଠାରେ ଅଧିକାଂଶ ଉତ୍ପାଦ ଉପରେ ୩୦% ରୁ ୭୦% ପର୍ଯ୍ୟନ୍ତ ରିଆତି ରହିଛି। ମେଳାରେ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ ଶାଢ଼ୀ, ଡ୍ରେସ୍ ମାଟେରିଆଲ୍ ଆକର୍ଷଣୀୟ ଅଳଙ୍କାର ପୁରାତନ ଶୋ'ପିସ୍ ଆଦି ଯୁକ୍ତିସଙ୍ଗତ ମୂଲ୍ୟରେ ଉପଲବ୍ଧ। ଖୋଦେଇ କାରୁକାର୍ଯ୍ୟଯୁକ୍ତ ଆସବାବପତ୍ର ୩୦୦ ପ୍ରକାରର ଶୁଖୁଲା ଫଳ ଏବଂ ଦୁବାଇର ପ୍ରସିଦ୍ଧ ବାକଲାଭା ପେଷ୍ଟ୍ରି, ମହିଳାମାନଙ୍କ ସୌନ୍ଦର୍ଯ୍ୟ ପ୍ରସାଧନସାମଗ୍ରୀର ଏକ ବିଶାଳ ସମ୍ଭାର ମଧ୍ୟ ପ୍ରଦର୍ଶିତ ହୋଇଛି। ହେଲେ ମେଳାରେ ଆଧୁନିକ ଘର ସଜ୍ଜା ସାମଗ୍ରୀ ଦର୍ଶକଙ୍କ ମନ ଜିଣୁଛି। ଉତ୍ପାଦ ପ୍ରଦର୍ଶନୀ ସହିତ ଫୁଡ୍ ଜୋନ୍‌ରେ ବିଭିନ୍ନ ସ୍ୱାଦିଷ୍ଟ ଓ ସ୍ୱାସ୍ଥ୍ୟକର ଖାଦ୍ୟର ଆସର ମଧ୍ୟ ଜମିଛି। ପୋଡ଼ ପିଠା, ମଣ୍ଡା ପିଠା, ଆରିସା ପିଠା ଭଳି ପାରମ୍ପରିକ ଓଡ଼ିଆ ବ୍ୟଞ୍ଜନ ସହ ଅନେକ ସୁସ୍ୱାଦୁ ଖାଦ୍ୟ ଉପଲବ୍ଧ। ଚମ୍ପାରଣ ମଟନ୍ ଏହି ମେଳାର ଖାଦ୍ୟ ବିଭାଗର ମୁଖ୍ୟ ଆକର୍ଷଣ ସାଜିଛି। ଏହି ଉତ୍ସବ ଜୁନ୍ ୧୭ ପର୍ଯ୍ୟନ୍ତ ପ୍ରତିଦିନ ଅପରାହ୍ନ ୨.୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପ୍ରସିଦ୍ଧ ଅଟୋମୋବାଇଲ୍ ଏବଂ ବିଲ୍ଡର ପାଭିଲିଅନ୍‌ଗୁଡ଼ିକ ଗ୍ରାହକଙ୍କୁ ଆକର୍ଷିତ କରୁଛି। ମେଳାରେ ଚଳିତଥର ଏତେ ବିପୁଳ ପରିମାଣର ଜାତୀୟ ଓ ଆନ୍ତର୍ଜାତୀୟ ଉତ୍ପାଦର ସମାହାର ପୂର୍ବରୁ କେବେ ଦେଖିବାକୁ ମିଳିନାହିଁ। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସୁଜିତ୍ କୁମାର ଗୁପ୍ତା ଏବଂ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଆୟୋଜିତ ଏହି ମହୋତ୍ସବ ବିଶ୍ୱ ବାଣିଜ୍ୟକୁ ଏକ ଅନନ୍ୟ ମଞ୍ଚ ପ୍ରଦାନ କରୁଛି।

